## ଆଜି କ'ଣ କେଉଁଠି

**ଢେଙ୍କାନାଳ**

- ଜାତୀୟ ପ୍ରେସ୍ ଦିବସ
ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ
ସମୟ: ଅପରାହ୍ଣ ୪ଟା।
- ମାଇକ୍ରୋମିଡିଆର ବାର୍ଷିକ ଉତ୍ସବ
ସ୍ଥାନ: ଗୋପବନ୍ଧୁ ଟାଉନ ହଲ
ସମୟ: ପୂର୍ବାହ୍ଣ ସାଢ଼େ ୧୦ଟା।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିଆଁରେ ପୋଡ଼ି ହତ୍ୟା ଉଦ୍ୟମ

**ହିନ୍ଦୋଳ, ୧୫।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ମଧୁବନ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ଗ୍ରାମର କବି ବେହେରା ତାଙ୍କ ସ୍ତ୍ରୀ ବନିତାଙ୍କୁ କିରୋସିନି ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବନିତାଙ୍କ ଶରୀରର ଅର୍ଦ୍ଧାଧିକ ଭାଗ ପୋଡ଼ିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ହିନ୍ଦୋଳ ଡାକ୍ତରଖାନା ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ବନିତାଙ୍କ ଭଉଣୀ କବିତା ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଡାକ କର୍ମଚାରୀଙ୍କ ଗଣଧାରଣା

**ଢେଙ୍କାନାଳ ଅଫିସ, ୧୫।୧୧:** କେନ୍ଦ୍ରୀୟ ଡାକ କର୍ମଚାରୀ ସଂଘର ଆହ୍ୱାନକ୍ରମେ ୨୦ଦଫା ଦାବିନେଇ ଢେଙ୍କାନାଳ ଡାକମଣ୍ଡଳ ସମ୍ମୁଖରେ ଗ୍ରାମୀଣ ଡାକ ସେବକ ଏବଂ କର୍ମଚାରୀମାନେ ଶୁକ୍ରବାର ଗଣଧାରଣା ଦେଇଥିଲେ। ସରକାରୀ ମାନ୍ୟତା, ପେନ୍‌ସନ୍ ଲାଗୁ, ଉଚିତ ଦରମା, ସଦସ୍ୟତା ଯାଞ୍ଚ, କମଲେଶ ଚନ୍ଦ୍ର କମିଟି ସୁପାରିଶକୁ ତୁରନ୍ତ ଲାଗୁ କରିବା ଆଦି ଦାବି ନେଇ ଏହି ଧାରଣା ଦିଆଯାଇଥିଲା। ଗ୍ରାମୀଣ ଡାକସେବକ ସଂଘର ଜିଲା ସଭାପତି ପ୍ରମୋଦ ସାହୁ, ସମ୍ପାଦକ ହରେଶ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଡାକପାଳ ପ୍ରଭାକର ନାୟକ, ସତ୍ୟବାଦୀ ରାଉତ, ପ୍ରମୋଦ ସାହୁ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ଢେଙ୍କାନାଳ ଅଫିସ, ୧୫।୧୧:** ଢେଙ୍କାନାଳ ଅଞ୍ଚଳର ଧର୍ମପ୍ରାଣା ମହିଳା ଜମୁନୀ ଜେନା (୭୫)ଙ୍କ ଗତ ୧୪ ତାରିଖରେ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ ଏବଂ ଧର୍ମବିଶ୍ୱାସୀ ମହିଳା ଥିଲେ। ତାଙ୍କ ଉଦ୍ୟମରେ ବଳଦିଆବନ୍ଧ ଶିବ ମନ୍ଦିର ପ୍ରତିଷ୍ଠା ହୋଇପାରିଥିଲା। ଅନ୍ତିମ ସମୟରେ ତାଙ୍କ ନିକଟରେ ୩ ପୁତ୍ର, ୪ ଝିଅ, ଜାମାତା, ନାତିନାତୁଣୀଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଜମୁନୀଙ୍କ ସ୍ୱାମୀ ଶିଖରେଶ୍ୱର ଜେନା ପୂର୍ବତନ ଅଗ୍ନି ନିର୍ବାପକ ଅଧିକାରୀ ଥିଲେ। ୨୫ବର୍ଷ ତଳେ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ୩୮ ପ୍ରକଳ୍ପ ପ୍ରଦର୍ଶିତ

**ଢେଙ୍କାନାଳ ଅଫିସ, ୧୫।୧୧:** ଢେଙ୍କାନାଳ ସଦର ବ୍ଲକ ବଳଭଦ୍ରପୁରସ୍ଥିତ ଭାନିରାମ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ଜଣ ଛାତ୍ରୀଛାତ୍ର ମୋଟ ୩୮ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାକୁ ଶିକ୍ଷାବିତ୍ ନୃସିଂହ ଚରଣ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଲଲାଟେନ୍ଦୁ ମହାପାତ୍ର, ପୀତବାସ ଷଡ଼ଙ୍ଗୀ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ କଳ୍ପନା ରାଉତ, ସୁନୀତା ବାରିକ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ସିନିୟର ବିଭାଗରେ ପ୍ରିନ୍ସ ପ୍ରୀତମ ସାହୁ, ଜୁନିୟର ବିଭାଗରେ ଦେବାଶିଷ ରାଉତ, ଗଗନ ସାହୁ, ସବ୍ ଜୁନିୟର ବିଭାଗରେ ଲକ୍ଷ୍ମୀପ୍ରିୟା ଦାସ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। କ୍ରୀଡ଼ା ଶିକ୍ଷକ ସୁଶୀଲ ପଣ୍ଡା ଧନ୍ୟବାଦ ଦେଇଥିଲେ। ଶିକ୍ଷାନୁଷ୍ଠାନର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



■ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

# ପାରଦର୍ଶିତା ଦେଖାଇଲେ ଦିବ୍ୟାଙ୍ଗ



ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୫।୧୧**

ଢେଙ୍କାନାଳସ୍ଥିତ ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିବା ଦିବ୍ୟାଙ୍ଗମାନେ ନିଜର ପାରଦର୍ଶିତା ଦେଖାଇଥିଲେ। ଏବିଇଓ ଅଦ୍ୱୈତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଏବିଇଓ ମଧୁସୂଦନ ଷେଣ୍ଡ, ଭଗବାନ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୁର୍ସିଦା ବେଗମ୍, ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ଦ୍ୱିବେଦୀ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ବହୁ ଲୁକ୍କାୟିତ ପ୍ରତିଭାର ଅଧିକାରୀ। ସେମାନଙ୍କ ପ୍ରତିଭାକୁ ଚିହ୍ନଟ କରି ଆବଶ୍ୟକ ସୁବିଧା ସୁଯୋଗ ପ୍ରଦାନ କଲେ ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଟ୍ରାଇ ସାଇକେଲ୍ ଦୌଡ, ହୁଇଲ୍ ଚେୟାର ଦୌଡ, ବକେଟ ବଲ୍, ସଟପୁଟ୍ ଥ୍ରୋ, ଦୌଡ, ଚିତ୍ରାଙ୍କନ, ଲମ୍ଫଡିଆଁ, ଉଚ୍ଚଡିଆଁ, ଦୌଉଡି ଡିଆଁ, ସଙ୍ଗୀତ, ଆଳୁଚାମଚ ଦୌଡ, ମ୍ୟୁଜିକ୍ ଚେୟାର, ଜିଲାପି ଦୌଡ଼, ଗଣିତ ଖେଳ, ମାଳି ଗୁନ୍ଥା, ହ୍ୟାଣ୍ଡବଲ୍, ଗୃହସଜ୍ଜା, ଚିତ୍ରମିଳନ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆକାଶ ନାଏକ, ଆଶାଲତା ପ୍ରଧାନ, ସନ୍ତୋଷୀ ସାହୁ, ଓମ୍ ସାଇରାମ ସାହୁ, ସୁଚିତ୍ରା ସାହୁ, ଅଜୟ ଭୂତିଆ, ବିଶ୍ୱଜିତ ବେହେରା, ଜ୍ଞାନରଞ୍ଜନ ରାଉତ, ସୁଦାମ ପ୍ରଧାନ, ଅଂଶୁରାଲା ହକ୍ ଖାଁ, ଚନ୍ଦ୍ର ଗୋଚ୍ଛାୟତ, ସୌମ୍ୟରଞ୍ଜନ ସାସମଲ, ରାଜେଶ ବେହେରା, ଲୋକନାଥ ଦଳେଇ, ସାମୁଏଲ୍ ଲେଙ୍କା, ତନୁଜା ଖଟୁଆ, ସୌମ୍ୟରଞ୍ଜନ ପ୍ରଧାନ, ରାଜେଶ ବେହେରା, ଅରବିନ୍ଦ ବାରିକ ଶ୍ରେଷ୍ଠ ପ୍ରଦର୍ଶନ କରି ଜିଲାସ୍ତରକୁ ଚୟନ ହୋଇଛନ୍ତି। ଅଚ୍ୟୁତାନନ୍ଦ ସାହୁ, ସଂଘମିତ୍ରା ସ୍ୱାଇଁ, ଇତିଶ୍ରୀ ମହାନ୍ତି, ବୀଣାପାଣି ସେନାପତି, ପ୍ରଦ୍ୟୁମ୍ନ ଦାସ, ପ୍ରମୋଦ ସାହୁ, ପ୍ରମୋଦ ବିଶ୍ୱାଳ, ପବିତ୍ର ବିଶ୍ୱାଳ, ସଂଯୁକ୍ତା ହୋତା, ସଚ୍ଚିଦାନନ୍ଦ ସାହୁ, ସୁବାସିନୀ ମିଶ୍ର, ବିଷ୍ଣୁ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : dklselfie@gmail.com



@ ପାର୍ଥ



@ ଶୁଭଲକ୍ଷ୍ମୀ

■ ନୂଆ ନିୟମକୁ ଠିକାଦାରଙ୍କ ବିରୋଧ

# ୨୦ରୁ ସରକାରୀ କାର୍ଯ୍ୟ ବନ୍ଦ ଚେତାବନୀ

**ଢେଙ୍କାନାଳ ଅଫିସ, ୧୫।୧୧**



ଖବରଦାତା ସମ୍ମିଳନୀରେ ଠିକାଦାର ସଂଘର କର୍ମକର୍ତ୍ତାମାନେ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଲଘୁ ଖଣିଜ ପଦାର୍ଥ ପାଇଁ ଲାଗୁ ହୋଇଥିବା ନିୟମକୁ ଠିକାଦାରମାନେ ବିରୋଧ କରିଛନ୍ତି। ଦାବିପୂରଣ ନ ହେଲେ ଆସନ୍ତା ୨୦ ତାରିଖରୁ ସମସ୍ତ ସରକାରୀ କାର୍ଯ୍ୟ ବନ୍ଦ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଢେଙ୍କାନାଳ ଜିଲା ଠିକାଦାର କଲ୍ୟାଣ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି।

ସଂଘ ସଭାପତି ସୁଧାଂଶୁ ଧଳ, ସମ୍ପାଦକ ଜି. ପରମେଶ୍ୱର ରାଓ କହିଛନ୍ତି, ଲଘୁ ଖଣିଜ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନୂଆ ନିୟମ ଲାଗୁ ହୋଇଛି। ଠିକାଦାରମାନେ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଥିବା ବାଲି, ଗୋଡି, ମାଟି ଆଦି ସାମଗ୍ରୀ ଉପରେ ଟ୍ରାଞ୍ଜିଟ୍ ପାସ୍‌ର ବ୍ୟବସ୍ଥା ରହିଛି। କିନ୍ତୁ ସରକାରୀସ୍ତରରେ ଏହି ପାସ୍ କିଏ ଦେବ ସେ ସମ୍ପର୍କରେ ସ୍ପଷ୍ଟ କରାଯାଇନାହିଁ। ଫଳରେ ଠିକାଦାରଙ୍କ ବିଲ୍‌ରୁ ଏହା ବାଦ୍ ପଡ଼ିବା ଆଶଙ୍କା ଦେଖାଦେଇଛି। ସେହିପରି ପେଟ୍ରୋଲ ସମେତ ଅନ୍ୟ ନିର୍ମାଣ ସାମଗ୍ରୀର ମୂଲ୍ୟ ଦିନକୁ ଦିନ ବଢ଼ିଚାଲିଛି। ସେହି ଅନୁପାତରେ କାର୍ଯ୍ୟର ମୂଲ୍ୟ ବଢୁନାହିଁ। ଏଥିରେ ଠିକାଦାରମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାର ତୁରନ୍ତ ସମାଧାନ କରିବାକୁ ସଂଘ ପକ୍ଷରୁ ଶନିବାର ୫ଦଫା ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ସଚିବଙ୍କୁ ପ୍ରଦାନ କରାଯିବ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ଆସୋସିଏଶନର ନିଷ୍ପତ୍ତି ଅନୁଯାୟୀ ସରକାରୀ ନିର୍ମାଣ କାମ ବନ୍ଦ କରାଯିବ ବୋଲି ସଂଘ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

# କର୍ମଚାରୀଙ୍କ ସମସ୍ୟା ଉପରେ ଆଲୋଚନା

**ଢେଙ୍କାନାଳ ଅଫିସ, ୧୫।୧୧**

ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଶାଖାର ଏକ ବୈଠକ ଗୁରୁବାର ସ୍ଥାନୀୟ ମହିଷାପାଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅରୁଣ କୁମାର ବଳିଆରସିଂ ସଭାପତିତ୍ୱ କରିଥିଲେ।

ସଂଘର ମାସିକ ମୁଖପତ୍ର 'ସଂଗ୍ରାମର ବାର୍ତ୍ତା'ର ୪୧ତମ ବିଶେଷାଙ୍କ ୧୭ ତାରିଖରେ ଜିଲା ଲେଖକ ସଂସଦ ଭବନ ପରିସରରେ ଉନ୍ମୋଚନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଜିଲାର ସମସ୍ତ ଶିକ୍ଷକ, କର୍ମଚାରୀଙ୍କୁ ଉପସ୍ଥିତ ରହିବାକୁ ନିବେଦନ କରାଯାଇଛି। ଏହାକୁ ବାଦ୍‌ଦେଲେ କେନ୍ଦ୍ର ସରକାରଙ୍କ ଅନୁରୂପ ୫% ମହଙ୍ଗା ଭତ୍ତା, ୨୦୧୬ ଜାନୁୟାରୀରୁ ସଂଶୋଧିତ ଘରଭଡ଼ା ଭତ୍ତା, ୭ମ ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ବର୍ଦ୍ଧିତ ଦରମାର ବକେୟା ୬୦% ଅର୍ଥ ମଞ୍ଜୁର କରିବା, ସର୍ବନିମ୍ନ ଦରମା ୧୮୦୦୦, ସ୍ଥିରୀକୃତ ପେନ୍‌ସନ୍, ଅସ୍ଥାୟୀ ଏବଂ ୱାର୍କଚାର୍ଜ କର୍ମଚାରୀଙ୍କୁ ସମାନ କାମକୁ ସମାନ ଦରମା, ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ କ୍ୟାଡର ପୁନର୍ଗଠନ ପରେ ଦରମାରେ ଅନୁରୂପ ପରିବର୍ତ୍ତନ ଆଦି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ, ଶିକ୍ଷକ ନେତା ସନ୍ତୋଷ ପରିଡ଼ା, ଉପଦେଷ୍ଟା ପ୍ରସନ୍ନ ଭୂତିଆ, ମନୋଜ ରାଉତ, ବାବୁରାମ ପାତ୍ର, ଆନନ୍ଦ ଚନ୍ଦ୍ର ଲେଙ୍କା, ଆର୍ଯ୍ୟଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଘେରିଲେ ଗ୍ରାମବାସୀ

**କାମାକ୍ଷାନଗର, ୧୫।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମକୁଆକାଟେଣୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ପିଟିଏ ବୈଠକରେ ପ୍ରଧାନ ଶିକ୍ଷକ ବିଶ୍ୱେଶ୍ୱର ମିଶ୍ରଙ୍କୁ ଘେରିଛନ୍ତି ଗ୍ରାମବାସୀ। ପୋଲିସ ପହଞ୍ଚି ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ତରାଜଙ୍ଗ ଗ୍ରାମସ୍ଥିତ ବିଦ୍ୟାଳୟକୁ ମକୁଆକାଟେଣୀ ପ୍ରାଥମିକ ବିଦ୍ୟାଳୟ ସହ ମିଶ୍ରଣ କରାଯିବା ପାଇଁ ସରକାରଙ୍କ ପକ୍ଷରୁ ଚିଠି ଆସିଥିଲା। ଏ ନେଇ ପ୍ରଧାନଶିକ୍ଷକ ଉଭୟ ବିଦ୍ୟାଳୟର ଅଭିଭାବକ ଏବଂ ଶିକ୍ଷକଙ୍କୁ ନେଇ ବୈଠକ ଡାକିଥିଲେ। ହେଲେ ମକୁଆକାଟେଣୀ ସ୍କୁଲ ବ୍ୟତୀତ ଅନ୍ୟସ୍ଥାନରେ ବୈଠକ କରିବାକୁ ଚାହୁଁଥିବା ତରାଜଙ୍ଗ ଗ୍ରାମବାସୀ ଏହାକୁ ନେଇ ଆପତ୍ତି ଉଠାଇଥିଲେ। ଏଥିସହ ପ୍ରଧାନ ଶିକ୍ଷକଙ୍କୁ ଅଟକ ରଖିଥିଲେ। ଥାନାଧିକାରୀ ପ୍ରମୋଦ ଲେଙ୍କା ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ନେଇ ବିଇଓ ହରିହର ଦେହୁରୀ କୁହନ୍ତି, ବିଦ୍ୟାଳୟ ମିଶ୍ରଣକୁ ନେଇ ତରାଜଙ୍ଗ ଗ୍ରାମବାସୀ ଅସନ୍ତୁଷ୍ଟ ଥିଲେ। ଏହାକୁ ନେଇ ସାମୟିକ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ବୈଠକ ହୋଇଛି।

# ଗୁହାଳ କାମ ଟଙ୍କା ମିଳୁନି

**ଭୁବନ, ୧୫।୧୧(ଡି.ଏନ୍.ଏ.)**



'ମୋ ଗୁହାଳ ଯୋଜନା'ରେ କାର୍ଯ୍ୟ ଶେଷ ହୋଇସାରିଥିଲେ ମଧ୍ୟ ଅନୁଦାନ ଟଙ୍କା ମିଳୁନାହିଁ। ଏପରି ଅଭିଯୋଗ ଆଣିଛନ୍ତି ଭୁବନ ବ୍ଲକ ଗଡ଼ନୃସିଂହପ୍ରସାଦ ପଞ୍ଚାୟତ ଅଧୀନ ବାସୁଦେବପୁର ଗ୍ରାମର ଅଭିମନ୍ୟୁ ନାୟକ।

୨୦୧୯ ଜାନୁୟାରୀ ୨୫ରେ ମୋ ଗୁହାଳ ଯୋଜନାରେ ଅଭିମନ୍ୟୁ ୧ ଲକ୍ଷ ୧୩ ହଜାର ଟଙ୍କାର କାର୍ଯ୍ୟାଦେଶ ପାଇଥିଲେ। କାର୍ଯ୍ୟାଦେଶ ମଞ୍ଜୁର ହେବାର ମାସକ ଭିତରେ ସେ ଘର କାମ ଶେଷ କରିଦେଇଥିଲେ। ଇତିମଧ୍ୟରେ ଏହାକୁ ୧୦ମାସ ବିତିଯାଇଥିଲେ ମଧ୍ୟ ଅନୁଦାନ ଟଙ୍କା ମିଳୁନାହିଁ। ଏ ନେଇ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେ କହିଛନ୍ତି। ତାଙ୍କ ସମସ୍ୟା ପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଅଭିମନ୍ୟୁ ନିବେଦନ କରିଛନ୍ତି।

ଏ ନେଇ ବିଡିଓ ଆଶୀର୍ବାଦ ପରିଡ଼ା କୁହନ୍ତି, ସେ ନୂଆ କରି କାର୍ଯ୍ୟରେ ଯୋଗଦେଇଛନ୍ତି। ତାଙ୍କ ନିକଟକୁ ଏପରି କୌଣସି ଅଭିଯୋଗ ଆସିନାହିଁ। ହିତାଧିକାରୀ ନିଜର ସମସ୍ୟା ଲିଖିତ ଭାବେ ଜଣାଇଲେ ତୁରନ୍ତ ପଦକ୍ଷେପ ନିଆଯିବ।

# ମାତୃ ଭାରତୀ ଗଠିତ

**ଢେଙ୍କାନାଳ ଅଫିସ, ୧୫।୧୧**

ଢେଙ୍କାନାଳ ସୁନ୍ଦରୀଖାଲସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ଶିଶୁମେଳା ସହିତ ମା'ମାନଙ୍କୁ ନେଇ ମାତୃଭାରତୀ ଗଠିତ ହୋଇଛି। ବିଦ୍ୟାଳୟର ସମ୍ପାଦକ ବିଶ୍ୱନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ୧୦୦ରୁ ଊର୍ଦ୍ଧ୍ୱ ଶିଶୁ ମେଳାରେ ଅଂଶଗ୍ରହଣ କରି ନୃତ୍ୟଗୀତ ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ସଭାପତି କ୍ଷେତ୍ରବାସୀ ସାହୁ ଅଧ୍ୟକ୍ଷତା କରିଥିଲେ। ମାତୃ ଭାରତୀ କମିଟିର ଅଧ୍ୟକ୍ଷା ଭାବେ ସୁବାସିନୀ ମିଶ୍ରଙ୍କୁ ମନୋନୀତ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ସାହୁ, ଉଷାରାଣୀ ଦାସ, ଅରୁନ୍ଧତୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ସରିଲା ସରଗମ ନୃତ୍ୟ ଉତ୍ସବ

# କଳାକାର ସର୍ବଦା ବନ୍ଦନୀୟ



ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୫।୧୧**

ଢେଙ୍କାନାଳ ମିନି ଷ୍ଟାଡିୟମ୍ ପରିସରରେ ଦୁଇଦିନ ଧରି ଚାଲିଥିବା ସରଗମ୍ ନୃତ୍ୟ ଉତ୍ସବ-୨୦୧୯ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଦେବରାଜ ସେନାପତି, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରବିନାରାୟଣ ନନ୍ଦ, ସିସିସିଏଫ୍ ରାଜ୍ୟ ସଭାପତି ପ୍ରବୀର ମହାନ୍ତି, ସଦସ୍ୟା ଜ୍ୟୋତ୍ସ୍ନାମୟୀ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। କଳାକାରମାନେ ଦେବତୁଲ୍ୟ। ସେମାନେ ସର୍ବଦା ବନ୍ଦନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନୃତ୍ୟଗୁରୁ ସନ୍ତୋଷ କୁମାର ସେନାପତି, ନୃତ୍ୟଶିଳ୍ପୀ ରତ୍ନମୟୀ ବିଶ୍ୱାଳଙ୍କୁ 'ସରଗମ୍ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ଅନୁଷ୍ଠାନର ସଭାପତି ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହକୁ ସମ୍ପାଦକ ଗୁରୁ ସମୀର କୁମାର, କବି ଅଭୟ ସାହୁ, ବିଭୂତି ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ କଳାକାରମାନେ ଓଡ଼ିଶୀ ଏବଂ ପାରମ୍ପରିକ ଲୋକନୃତ୍ୟ ପ୍ରରିବେଷଣ କରିଥିଲେ।

## ବାର୍ଷିକ କ୍ରୀଡ଼ା ସାଂସ୍କୃତିକ କାର୍ଯ୍ୟକ୍ରମ

**ହିନ୍ଦୋଳ, ୧୫।୧୧(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ନୂଆକୋଟ ଡିହସାହିସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଗୁରୁବାର ୨ୟ ବାର୍ଷିକ କ୍ରୀଡ଼ା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କୁନିକୁନି କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ, ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନମୋହିଥିଲେ। ସମ୍ପାଦକ କରୁଣାକର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜିଲା ପ୍ରମୁଖ ଦ୍ୱାରିକାନାଥ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାସୋଳ ଶିଶୁମନ୍ଦିରର ସୌଭାଗ୍ୟ ସର, ଖବରଦାତା ଶଶିକାନ୍ତ ଗଡ଼ନାୟକ, କନ୍ତାମିଲା ସରପଞ୍ଚ ବିଶ୍ୱେଶ୍ୱର ସେଠୀ, ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ଛାତ୍ରଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ବାନାମ୍ବର ରାଉତ ଅତିଥି ପରିଚୟ ଦେଇଥିବା ବେଳେ ଶିଶୁ ମନ୍ଦିରର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ କଟକଣା ମାନୁନାହାନ୍ତି ଭାରିଯାନ

# ଗାଡ଼ି ଅଟକାଇ ପ୍ରତିବାଦ

**ଭୁବନ, ୧୫।୧୧(ଡି.ଏନ୍.ଏ.)**



ଅଞ୍ଚଳବାସୀ ଯାନବାହନ ଅଟକାଇ ରଖିଛନ୍ତି।

ଭୁବନ ଏନ୍‌ଏସି ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଭାରିଯାନ ଚଳାଚଳକୁ ନେଇ ଲାଗି ରହିଥିବା ଅସନ୍ତୋଷ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ବାଲିବୋଝେଇ ଟ୍ରକ୍, ହାଇୱା କଟକଣା ଭାଙ୍ଗି ଉକ୍ତ ରାସ୍ତାରେ ଯାତାୟାତ କରୁଥିବାରୁ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏହାକୁ ନେଇ ଶୁକ୍ରବାର ତାତିଛନ୍ତି ଅଞ୍ଚଳବାସୀ। ପ୍ରତିବାଦ ସ୍ୱରୂପ ସେମାନେ ଗାଡ଼ି ଅଟକାଇ ଏହାର ପ୍ରତିବାଦ କରିଛନ୍ତି।

ପୂର୍ତ୍ତ ବିଭାଗ ରାସ୍ତା ଦେଇ ଦୈନିକ ଶତାଧିକ ବାଲିବୋଝେଇ ଟ୍ରକ୍, ହାଇୱା ଚଳାଚଳ କରୁଛି। ଏହି ରାସ୍ତାରେ ଅଙ୍ଗନୱାଡ଼ି କେନ୍ଦ୍ର, ସ୍କୁଲ ଥିବାରୁ କୋମଳମତି ପିଲାଙ୍କ ଜୀବନ ପ୍ରତି ବିପଦ ରହୁଛି। ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବାକୁ ୱାର୍ଡବାସୀ ଏବଂ ବଣିକ ସଂଘର କର୍ମକର୍ତ୍ତାମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଶୁଣିବା ପରେ ଜିଲାପାଳ ସେହି ରାସ୍ତାରେ ଭାରିଯାନ, ବାଲିବୋଝେଇ ଗାଡ଼ି ଚଳାଚଳ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ପୁନର୍ବାର ଗାଡ଼ିଗୁଡ଼ିକ ପୂର୍ତ୍ତ ବିଭାଗ ରାସ୍ତାରେ ଯାତାୟାତ କରୁଛି। ଏହାକୁ ଅଞ୍ଚଳର କେତେଜଣ ବ୍ୟକ୍ତି ପ୍ରତିବାଦ କରିବା ସହ ଯାନବାହନ ଅଟକାଇଥିଲେ। ଫଳରେ ଘଣ୍ଟାଏ ଧରି ଯାତାୟାତ ଠପ୍ ହୋଇଯାଇଥିଲା। ପୋଲିସ ପହଞ୍ଚି ଭାରିଯାନ ଚଳାଚଳ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଶାନ୍ତ ପଡ଼ିଥିଲେ। ପ୍ରଶାସନ ପକ୍ଷରୁ ସମସ୍ୟାକୁ ଅଣଦେଖା କରାଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସହରବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ତହସିଲଦାର ଶକ୍ତିକାନ୍ତ ରାୟ କୁହନ୍ତି, ଅଞ୍ଚଳବାସୀଙ୍କ ଦାବିକୁ ସମ୍ମାନ ଜଣାଇ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରାଯିବ। ଆଇନ ଅବମାନନା କରୁଥିବା ଗାଡ଼ି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ବେଆଇନ ମୋରମ ଚାଲାଣ, ଟ୍ରକ୍ ଜବତ



**ଛେଣ୍ଡିପଦା, ୧୫।୧୧ (ଡି.ଏନ.ଏ./ସ୍ୱ.ପ୍ର.):** ଛେଣ୍ଡିପଦା ତହସିଲ ଅନ୍ତର୍ଗତ ଜରପଡା ଷ୍ଟେଶନ ନିକଟରେ ମୋରମ ଖଣି ଉପରେ ଶୁକ୍ରବାର ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କାଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଚଢ଼ାଉରେ ଏକ ହାଇୱା ଟ୍ରକ୍(ଓଆର ୦୪ କେ ୬୬୭୬) ଜବତ କରାଯାଇ ପୋଲିସ ଜିମା ଦିଆଯାଇଛି। କେତେ ପରିମାଣର ମୋରମ ଚାଲାଣ ହୋଇଛି ତାହା ଜରପଡା ରାଜସ୍ୱ ଅଧିକାରୀଙ୍କ ତଦନ୍ତ ରିପୋର୍ଟ ଆସିବା ପରେ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ଏହି ଅଞ୍ଚଳରେ ଚୋରା ମୋରମ ଚାଲାଣ ବୃଦ୍ଧି ପାଉଥିବାବେଳେ ପ୍ରଶାସନ ପକ୍ଷରୁ ସେପରି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମଧୁମେହ, ଚକ୍ଷୁ ପରୀକ୍ଷା ଶିବିର

**ଅନୁଗୋଳ ଅଫିସ, ୧୫।୧୧:** ଅନୁଗୋଳ ଲାୟନ୍ସ କ୍ଲବ ଓ ଏଲ୍ଆଇସି ପକ୍ଷରୁ ବିଶ୍ୱ ମଧୁମେହ ଦିବସ ଅବସରରେ ସ୍ଥାନୀୟ ଏଲ୍ଆଇସି କାର୍ଯ୍ୟାଳୟ ପରିସରରେ ମାଗଣା ଚକ୍ଷୁ ଓ ମଧୁମେହ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଲ୍ଆଇସି ଶାଖାର ମୁଖ୍ୟ ପରିଚାଳକ ଆଇ. ବିନାୟକ ସ୍ୱାମୀ ଶିବିର ଉଦ୍‌ଘାଟନ କରିଥିଲେ। ଶାଖା ପରିଚାଳକ ଟଙ୍କଧର ବେହେରା, ରବୀନ୍ଦ୍ର ମଲ୍ଲିକ, ଲାୟନ୍ସ କ୍ଲବ ସଭାପତି ବାସୁଦେବ ଚୌଧୁରୀ, କ୍ଲବର ସମ୍ପାଦକ ଶିବ କୁମାର ମାଣ୍ଡୋଠିଆ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୦୫ ଜଣଙ୍କ ଚକ୍ଷୁ ଓ ମଧୁମେହ ପରୀକ୍ଷା କରାଯାଇଥିଲା। ଏଥିରେ ଭୂମିକା ଭୁବନେଶ୍ୱର ଚକ୍ଷୁ ଚିକିତ୍ସାଳୟର ଡାକ୍ତର ଡି.ଏନ୍. ପରିଡା, ଅନୁଗୋଳର ଅବସରପ୍ରାପ୍ତ ଡାକ୍ତର ବାନାମ୍ବର ସାହୁ ଓ ଲାୟନ୍ସ ଭୂମିକା ଆଇ ହସ୍ପିଟାଲର ଡାକ୍ତର ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଅନୁଗୋଳ ଲାୟନ୍ସ କ୍ଲବର କଳ୍ପନା ପାଳିତ, ସଂଗ୍ରାମ ରଞ୍ଜନ ଦାସ, ପରମାନନ୍ଦ ମିଶ୍ର, ଅଳି ସିଂ, ନଳିନୀକାନ୍ତ ଉପାଧ୍ୟାୟ, ବିଜୟ ମହାପାତ୍ରଙ୍କ ସହିତ ଏଲ୍ଆଇସିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।



# ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୨୧ ପୋଲିସ ଅଧିକାରୀ ସମ୍ମାନିତ

**ଅନୁଗୋଳ ଅଫିସ, ୧୫।୧୧**

ଯେଉଁ ତଦନ୍ତକାରୀ ଅଫିସରଙ୍କ ପାଇଁ ଦୋଷୀଙ୍କୁ କୋର୍ଟରେ ଦଣ୍ଡ ମିଳୁଛି ସେମାନଙ୍କୁ ପୋଲିସ ବିଭାଗ ପକ୍ଷରୁ ସମ୍ମାନିତ କରାଯାଉଛି। କର୍ମଚାରୀଙ୍କ ମନୋବଳ ଦୃଢ କରିବା ପାଇଁ ଆରମ୍ଭ ହୋଇଥିବା ଏହି ଅଭିନବ ପ୍ରୟାସ ଗୁରୁବାର ଉତ୍ତରକେନ୍ଦ୍ରାଞ୍ଚଳ ରେଞ୍ଜ ପକ୍ଷରୁ ନାଲ୍‌କୋ ଅଡିଟୋରିୟମରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିଜେ ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ଉପସ୍ଥିତ ରହି ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୨୧ ଅଫିସରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

କାର୍ଯ୍ୟକ୍ରମରେ ଡିଆଇଜି ଭୋଳଙ୍କ ସହ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ଓ ଢେଙ୍କାନାଳ ଏସ୍‌ପି ଅନୁପମା ଜେମ୍ସ ଉପସ୍ଥିତ ରହି ପୋଲିସର କାର୍ଯ୍ୟଶୈଳୀ କିଭଳି ହେଲେ ଦୋଷୀଙ୍କୁ ଦଣ୍ଡ ମିଳିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସମୟରେ ସମ୍ବେଦନଶୀଳ ଘଟଣାରେ ପୋଲିସର ତଦନ୍ତ ପ୍ରକ୍ରିୟା କିଭଳି ହେବା ଦରକାର ଏବଂ ଚାର୍ଜଶିଟ ଦେବା ସମୟରେ ଯେପରି କୌଣସି ଦୋଷତ୍ରୁଟି ନ ରହିବ ସେଥିପ୍ରତି ଦୃଷ୍ଟି ଦେବାକୁ ଅଫିସରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜର ତିନୋଟି ଜିଲା ଅନୁଗୋଳ, ଢେଙ୍କାନାଳ ଓ ଦେବଗଡର ୨୧ଜଣ ସଫଳ ତଦନ୍ତକାରୀ ଅଫିସର ଏଏସ୍ଆଇ ଓ ଏସ୍ଆଇ ଗଙ୍ଗାଧର ପରିଡ଼ା, ଲକ୍ଷ୍ମୀଧର ପାଟ୍ଟଶାଣୀ, ପ୍ରଦୀପ କୁମାର ପାଣି, ବିଚିତ୍ରା ନନ୍ଦ କର, ବିନୟ କୁମାର ସାହୁ, ଅଜୟ କୁମାର ସାହୁ, ଅରକ୍ଷିତ ସେଠୀ, ଅଶୋକ କୁମାର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ରାଉତ, ରୀତାଞ୍ଜଳି ପ୍ରଧାନ, ଧୀରେନ୍ଦ୍ର କୁମାର ସ୍ୱାଇଁ, ବି.ଏମ୍. ପଟ୍ଟନାୟକ, ଇନ୍ସପେକ୍ଟର ଗୌରାଙ୍ଗ ଚରଣ ପୃଷ୍ଟି, ରମେଶ ଚନ୍ଦ୍ର ବିଶୋଇ, ବିନ୍ଦୁବାସିନୀ ବିଶ୍ୱାଳ, ପ୍ରୀତିମଞ୍ଜରୀ ମେଣ୍ଡୋଲି, ଧୀରଜ ଲେଙ୍କା, ନିର୍ମଳ ଗୋଚ୍ଛାୟତ, ବନାନି ବେହେରା, ନମିତା ନାଏକ, ତୃପ୍ତିମୟୀ ନାଏକ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା।



ଅନୁଗୋଳ ଥାନା ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି।

## ବ୍ରାଉନସୁଗାର ଜବତ, ୨ କୋର୍ଟଚାଲାଣ



**ଅନୁଗୋଳ ଅଫିସ, ୧୫।୧୧**

ଅନୁଗୋଳ ପୋଲିସ ଓ ସ୍ପେଶାଲ ସ୍କ୍ୱାର୍ଡ଼ ପକ୍ଷରୁ ଅନୁଗୋଳ ଉପକଣ୍ଠ କୁମଣ୍ଡ ଗ୍ରାମରେ ଶୁକ୍ରବାର ଚଢ଼ାଉ କରାଯାଇ ୧୬.୩୦ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଘଟଣାରେ କୁମଣ୍ଡ ଗ୍ରାମର କାଳିଆ ଓରଫ୍ କାଳନ୍ଦିଚରଣ ସାହୁ(୪୩) ଓ କ୍ଷେତରା ଓରଫ ଶ୍ରୀକ୍ଷେତ୍ର ନାୟକ(୨୫)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏଥିସହ ଅଭିଯୁକ୍ତଙ୍କଠାରୁ ୨ଟି ମୋବାଇଲ, ଏକ ସ୍କୁଟି (ଓଡ଼ି-୧୯-ଏଲ୍-୨୮୯୩), ନଗଦ ୨୧ ହଜାର ୩୧୦ ଟଙ୍କା ଜବତ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୯୫୧/୧୯ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ମୁତାବକ, କୁମଣ୍ଡ ଗ୍ରାମର ତ୍ରିନାଥ ମନ୍ଦିର ନିକଟରେ କ୍ଷେତରା ଓ କାଳିଆ ବ୍ରାଉନସୁଗାର ବ୍ୟବସାୟ କରୁଥିବା ସ୍ପେଶାଲ ସ୍କ୍ୱାର୍ଡ ଖବରପାଇ ଅନୁଗୋଳ ପୋଲିସ ସହ ମିଳିତ ଭାବେ ଚଢ଼ାଉ କରିଥିଲା। ସ୍ପେଶାଲ ସ୍କ୍ୱାର୍ଡ ଏସ୍ଆଇ ଦୀନକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଓ ଅନୁଗୋଳ ପୋଲିସ ଏସ୍ଆଇ ସତ୍ୟ ଲେଙ୍କାଙ୍କ ନେତୃତ୍ୱରେ ଆଉ ଗୋଟିଏ ଟିମ୍ ଚଢ଼ାଉରେ ସାମିଲ ହୋଇଥିଲା। ଅନୁଗୋଳ ସହ ନାଲ୍‌କୋ ଓ ବଅଁରପାଳ ଥାନା ଅଞ୍ଚଳରେ ଦିନକୁ ଦିନ ବ୍ରାଉନସୁଗାର ବ୍ୟବସାୟ ବଢ଼ିଚାଲିଥିବାବେଳେ ଏ ଦିଗରେ ପୋଲିସ ପକ୍ଷରୁ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହୋଇଛି।

# ଶଙ୍ଖମୁରରେ କାର୍ତ୍ତିକେଶ୍ୱର ଭସାଣି



**ଖମାର, ୧୫।୧୧**

ପାଲଲହଡ଼ା ବ୍ଲକ ଶଙ୍ଖମୁର ଗ୍ରାମରେ ଶୁକ୍ରବାର କାର୍ତ୍ତିକେଶ୍ୱର ପୂଜାର ଭସାଣି ଉତ୍ସବ ପାଳିତ ହୋଇଯାଇଛି। ପୂଜା କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ପୂଜା ଆୟୋଜନ କରାଯାଇଥିଲା। ପୂଜା ପ୍ରାରମ୍ଭରେ ଗ୍ରାମବାସୀ କଳସ ଯାତ୍ରା କରିଥିଲେ। ଏଥିସହ ପ୍ରସାଦସେବନର ମଧ୍ୟ ବ୍ୟବସ୍ଥା ହୋଇଥିଲା। କମିଟି ସଭାପତି ଜୟନ୍ତ କୁମାର ବେହେରାଙ୍କ ସହ ପ୍ରଦୀପ କୁମାର ମହାରଣା, ଛବି, ସୌମ୍ୟ, ଅନସୂୟା ଓ ଅଶ୍ୱିନୀ ପ୍ରମୁଖ ସଭ୍ୟମାନଙ୍କ ସହଯୋଗରେ ପୂଜା ପାଳନ ହୋଇଥିଲା।

# ବାହୁଡ଼ିଲେ ମା’ ଲୋଭୀ

**ବଅଁରପାଳ, ୧୫।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗଡସନ୍ତ୍ରୀଠାରେ ୪ ଦିନ ଧରି ଚାଲିଥିବା ମା’ ଲୋଭୀ ଠାକୁରାଣୀଙ୍କ ଯାତ୍ରା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନରେ ଗଡସନ୍ତ୍ରୀ ସ୍ଥିତ ପୀଠସ୍ଥଳୀରୁ ମା’ ଲୋଭୀ ତୁଳସୀପାଳସ୍ଥିତ ଆଲମ ଘରକୁ ବାହୁଡ଼ିଛନ୍ତି। ଯାତ୍ରା ଦେଖିବାକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପାରମ୍ପରିକ ରୀତିରେ ମା’ଙ୍କ ପୂଜା ସମ୍ପନ୍ନ ହୋଇଥିଲା। ଯାତ୍ରାରେ ୫ଶହରୁ ଊର୍ଦ୍ଧ୍ୱ ଦୋକାନ ବସିଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମବାସୀ ଯାତ୍ରା ପରିଚାଳନା କରିଥିଲେ।



# ପଦାର୍ଥ ବିଜ୍ଞାନ ବିଷୟରେ ବୁଝାଇଲେ ପ୍ରଫେସର





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ବନ୍ତଳା,୧୫।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଳା ଯୁକ୍ତ ୩ ଉଚ୍ଚତର ଶିକ୍ଷା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ସେମିନାର ସହ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମନମୋହନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନର ମୁଖ୍ୟ ଅଦୈତ୍ୱ ପ୍ରସାଦ ସାହୁ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବରେ ସମ୍ବଲପୁର ୟୁନିଭର୍ସିଟି ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡ. ବାନାର୍ଜୀ ବେହେରା, ମୁଖ୍ୟବକ୍ତା ଭାବରେ ଭୁବନେଶ୍ୱର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ସନ୍ତୋଷ କୁମାର ପରିଡା, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବାପୁଜୀ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ବସନ୍ତ କୁମାର ପାଣିଗ୍ରାହୀ, ସାଉଥ ବଲଣ୍ଡା ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଲଲାଟେନ୍ଦୁ ଗଡ଼ନାଏକ, ବନ୍ତଳା ମହାବିଦ୍ୟାଳୟର ଡେମନଷ୍ଟ୍ରେଟର ପ୍ରଣବ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେମିନାର ସମ୍ପାଦକ ଛାତ୍ର ଚନ୍ଦ୍ରଚୁଡ଼ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ପଦାର୍ଥ ବିଜ୍ଞାନ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ପରେ ବିଭାଗର ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ପ୍ରବନ୍ଧ, ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ବିଭାଗର ଅଧ୍ୟାପିକା ଅଧ୍ୟାପକମାନେ ଯୋଗ ଦେଇଥିଲେ। ସଙ୍ଗୀତାରାଣୀ ବେହେରା, ସୁପ୍ରଭା ଜେନା, ସୁବର୍ଣ୍ଣ ସେଠୀ, ସୌମ୍ୟରଞ୍ଜନ ପ୍ରଧାନ, ଜ୍ୟୋତିର୍ମୟୀ ବେହେରା, ବାପୁନ ପ୍ରଧାନଙ୍କ ସମେତ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।





## ମଦ ଜବତ, ୫ ଗିରଫ

**ଆଠମଲ୍ଲିକ, ୧୫।୧୧(ଡି.ଏନ.ଏ.)**

କିଶୋରନଗର ଥାନା ଅଞ୍ଚଳରେ ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଦେଶୀ ମଦ ଜବତ ସହ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ହତାନାଳୀ ଗ୍ରାମର ପୁରନ୍ଦର ବେହେରା, ସତ୍ୟଭାମା ବେହେରା, ଅଙ୍ଗପଡା ଗ୍ରାମର ଦାମୋଦର ନାଏକ, ମନ୍ଦୋଦରୀ ନାଏକ ଓ ବଂଇଶୀମୁଣ୍ଡା ଗ୍ରାମର ପ୍ରମୋଦ ଦେହୁରୀ। ସେମାନଙ୍କ ଠାରୁ ପ୍ରାୟ ୫୦ ଲିଟର ମଦ ଜବତ ସହ ୫ ଶହ କେଜିର ପୋଚ ନଷ୍ଟ କରାଯାଇଛି। ଏଥିସହ ମଦରନ୍ଧା ସାମଗ୍ରୀ ଜବତ ହୋଇଛି। ଅବକାରୀ ନିରୀକ୍ଷକ ସୁମତୀ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ସହକାରୀ ନିରୀକ୍ଷକ ରମାକାନ୍ତ ଚାନ୍ଦ, ଅରୁଣ କୁମାର ଚାଉଳିଆ, ହରିହର ପରିଡା, ଶମ୍ଭୁ ନାଏକ, ମନୋଜ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

## କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

**ରୂପ୍‌ସା, ୧୫।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀ ଗୁରୁବାର ରାତିରେ ଆତ୍ମହତ୍ୟା କରିଛନ୍ତି। ସେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଏପରି କରିଥିବା କୁହାଯାଉଛି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ